# NATIONAL NEWS BULLETIN (ODIA)

## 08th February - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଭାରତ ଓ ମାଲେସିୟା ମଧ୍ୟରେ ସାମୁଦ୍ରିକ ନିରାପତ୍ତା, ପ୍ରତିରକ୍ଷା ଏବଂ ଆତଙ୍କବାଦ ମୁକାବିଲା କ୍ଷେତ୍ରରେ ଦୁଇ ଦେଶର ସହଯୋଗ ନେଇ ଦୃଢ଼ୋକ୍ତି ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ।

— ଦୁଇଦିନିଆ ମାଲେସିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ ।

- ସୁରକ୍ଷାକେନ୍ଦ୍ରିକ ରଣନୀତି, ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ଆତ୍ମସମର୍ପଣ ନୀତି ନକ୍ସଲ ବିରୋଧୀ ଅଭିଯାନରେ ସୁଫଳ ଆଣିଛି; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- କୃଷି ଓ କୃଷକଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ।

- ୧ କୋଟିରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ୍ ଅପ୍‌ଡେଟ୍ ସମ୍ପନ୍ନ କଲା ଭାରତୀୟ ଏକକ ପରିଚୟ ପ୍ରାଧିକରଣ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଶ୍ରୀଲଙ୍କା ଓ ଆୟରଲାଣ୍ଡ ମଧ୍ୟରେ ଜାରି ରହିଛି ମ୍ୟାଚ୍ ।

## ପି.ଏମ୍. - ମାଲେସିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କୁଆଲାଲମ୍ପୁରରେ ତାଙ୍କ ମାଲେସିଆ ପ୍ରତିପକ୍ଷ ଅନ୍‌ୱାର ଇବ୍ରାହିମ୍‌ଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କ, ସାମୁଦ୍ରିକ ନିରାପତ୍ତା, ଆର୍ଥିକ ଏବଂ ନବସୃଜନ ସହଭାଗିତା ବୃଦ୍ଧି ନେଇ ଆଲୋଚନା ହୋଇଛି । ବିପର୍ଯ୍ୟୟ ପରିଚାଳନା, ଦୃଶ୍ୟ-ଶ୍ରାବ୍ୟ ସହ-ଉତ୍ପାଦନ, ଦୁର୍ନୀତି ମୁକାବିଲା ଓ ନିବାରଣ, ସେମିକଣ୍ଡକ୍ଟର ବିକାଶ, ସ୍ୱାସ୍ଥ୍ୟ ଓ ଔଷଧ, ଛାତ୍ରବୃତ୍ତି ପ୍ରତିଷ୍ଠା ଓ ଏନ୍.ପି.ସି.ଏଲ୍. ଇଣ୍ଟରନ୍ୟାସନାଲ ପେମେଣ୍ଟ୍ସ ଲିମିଟେଡ୍ ଏମଂ ମାଲେସିଆର ପେ-ନେଟ୍ ମଧ୍ୟରେ ଚୁକ୍ତିନାମା ସହ ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଏକ ମିଳିତ ବିବୃତ୍ତିରେ ଉଭୟ ଦେଶ ୨୦୨୪ରେ ପ୍ରତିଷ୍ଠିତ ବ୍ୟାପକ ରଣନୈତିକ ସହଭାଗିତାକୁ ସଶକ୍ତ କରିବା ନେଇ ପ୍ରତିବଦ୍ଧ ହୋଇଥିଲେ । ଉଭୟପକ୍ଷ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଏବଂ ଭିତ୍ତିଭୂମି, ନବୀକରଣୀୟ ଶକ୍ତି, ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର ଏବଂ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗ ସମ୍ପ୍ରସାରଣ କରିବାକୁ ସହମତ ହୋଇଥିଲେ । ଭାରତ-ମାଲେସିଆ ଡିଜିଟାଲ୍ ପରିଷଦ ପ୍ରତିଷ୍ଠା ଓ ବ୍ୟବସାୟ ପର୍ଯ୍ୟଟନକୁ ସମର୍ଥନ କରିବାପାଇଁ ସୀମାପାର ଦେୟ ସଂଯୋଗ ପ୍ରଚଳନ କରିବାର ପ୍ରୟାସ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ଉଭୟ ଦେଶ ସେମିକଣ୍ଡକ୍ଟର ଏବଂ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ଘନିଷ୍ଠ ସହଭାଗିତା ଉପରେ ଆଲୋକପାତ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ସ୍ୱତନ୍ତ୍ର ବନ୍ଧନ ରହିଛି, ଯାହା ଶକ୍ତିଶାଳୀ ଲୋକସମ୍ପର୍କ ଏବଂ ମାଲେସିଆରେ ଏକ ବିଶାଳ ଭାରତୀୟ ପ୍ରବାସୀ ଉପସ୍ଥିତିଦ୍ୱାରା ସମର୍ଥିତ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ' ବିଶ୍ୱବିଦ୍ୟାଳୟ ଆଦାନ ପ୍ରଦାନ, ଦକ୍ଷତା ବିକାଶ ଏବଂ ଷ୍ଟାର୍ଟଅପ୍ ସମ୍ପର୍କକୁ ସମ୍ପ୍ରସାରଣ କରାଯିବା ଲକ୍ଷ୍ୟରେ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରିଥିଲେ । ଭାରତ ମଧ୍ୟ ଶୈକ୍ଷିକ ଗବେଷଣା ଏବଂ ଅଧ୍ୟୟନକୁ ପ୍ରୋତ୍ସାହିତ କରିବାପାଇଁ ତିରୁଭଲ୍ଲୁଭର କେନ୍ଦ୍ର ପ୍ରତିଷ୍ଠାର ଘୋଷଣା କରିଛି ।

***Voice (PM)*** :......

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ସେଠାରେ ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଏବଂ ସହଯୋଗର ମାର୍ଗ ଉପରେ ଆଲୋଚନା ହୋଇଥିଲା ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଆସିଆନ୍ ପ୍ରତି ଭାରତର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ ଏବଂ ଆସିଆନ୍‌ର ଅଧ୍ୟକ୍ଷତାପାଇଁ ମାଲେସିଆକୁ ଅଭିନନ୍ଦନ ଜଣାଇଥିଲେ । ଉଭୟ ପକ୍ଷ ଆସିଆନ୍-ଭାରତ ସାମଗ୍ରୀ ବାଣିଜ୍ୟ ଚୁକ୍ତିନାମା - AITIDAର ସମୀକ୍ଷା ଶୀଘ୍ର ସମାପ୍ତ କରିବାପାଇଁ ସହମତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଅଭିବୃଦ୍ଧିର ଇଞ୍ଜିନ୍ ଭାବେ ଉଭା ହୋଇଛି ଏବଂ ଭାରତ ଓ ମାଲେସିଆ ଏକ୍ଷେତ୍ରରେ ବିକାଶ, ଶାନ୍ତି ଓ ସ୍ଥିରତାପାଇଁ ଏକତ୍ର କାମ କରୁଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ପୂର୍ବ-ପ୍ରାନ୍ତ ସଚିବ ପି. କୁମାରନ୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଆତଙ୍କବାଦ ବିରୋଧରେ ସହଯୋଗ ନେଇ ବୁଝାମଣା ହୋଇଛି । ଜାତୀୟ ସୁରକ୍ଷା ଆଲୋଚନା ମାଧ୍ୟମରେ ଏହାକୁ ସମାଧାନ କରାଯାଉଛି । ଗସ୍ତ ଶେଷପୂର୍ବରୁ ପ୍ରଧାନମନ୍ତ୍ରୀ ଭାରତୀୟ ଜାତୀୟ ସେନାର ସେବାନିବୃତ୍ତ ଅଧିକାରୀ ଏବଂ ମାଲେସିଆର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟିଥିଲେ ।

ଦୁଇଦିନିଆ ମାଲେସିଆ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ଛତିଶଗଡ଼ - ଅମିତ୍ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଛତିଶଗଡ଼ ରାଜଧାନୀ ରାୟପୁରରେ ନକ୍ସଲ ବିରୋଧୀ ଅଭିଯାନ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା ସଂକ୍ରାନ୍ତ ଦୁଇଟି ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ସୁରକ୍ଷାକୈନ୍ଦ୍ରିକ ରଣନୀତି, ଭିତ୍ତିଭୂମିର ସୁଦୃଢ଼ୀକରଣ, ନକ୍ସଲ୍ ଆର୍ଥିକ ନେଟ୍‌ୱାର୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ଆତ୍ମସମର୍ପଣ ନୀତି ସକାରାତ୍ମକ ଫଳାଫଳ ଆଣିଛି । ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଦେଶରୁ ନକ୍ସଲବାଦକୁ ସମ୍ପୂର୍ଣ୍ଣ ବିଲୋପ କରିବାକୁ  ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀ ଶାହା ଦୋହରାଇଛନ୍ତି । ଏକଦା ନକ୍ସଲ ହିଂସାର ଗଡ଼ ଥିବା ଛତିଶଗଡ଼ ଏବେ ବି.ଜେ.ପି.ର ଡବଲ ଇଞ୍ଜିନ ସରକାରଙ୍କ ଅଧୀନରେ ବିକାଶର ପ୍ରତୀକ ପାଲଟିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

## ସେସେଲ୍‌ସ ପ୍ରେଜ୍ - ଦିଲ୍ଲୀ

ସେସେଲ୍‌ସ୍ ରାଷ୍ଟ୍ରପତି ପ୍ୟାଟ୍ରିକ୍ ହର୍‌ମିନି ଚେନ୍ନାଇ ଏବଂ ମୁମ୍ବାଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସକାରାତ୍ମକ ଫଳାଫଳ ସହ ନୂଆଦିଲ୍ଲିରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ ସୂଚନା ଦେଇ କହିଛି, ପୂର୍ବରୁ ସେସେଲ୍ସ ରାଷ୍ଟ୍ରପତି ଚେନ୍ନାଇ ଏବଂ ମୁମ୍ବାଇରେ ଶାସନ, ଶିଳ୍ପ, ଉପକୂଳ ପରିଚାଳନା ଏବଂ ସ୍ୱାସ୍ଥ୍ୟକ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରର ଅଂଶୀଦାରମାନଙ୍କୁ ଭେଟିଥିଲେ । ରାଷ୍ଟ୍ରପତି ହର୍ମିନିଙ୍କୁ ଇନ୍ଦିରାଗାନ୍ଧି ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ହର୍ମିନିଙ୍କ ଭାରତକୁ ପାଞ୍ଚଦିନିଆ ସରକାରୀ ଗସ୍ତ ଭାରତ-ସେସେଲ୍ସ କୂଟନୈତିକ ସମ୍ପର୍କର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅନେକ ଗୁରୁତ୍ୱ ବହନ କରୁଛି ।

## ଚୌହାନ୍ - ଇଣ୍ଡୋ-ୟୁ.ଏସ୍. ଟ୍ରେଡ୍

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଉପରେ କଂଗ୍ରେସ ସମାଲୋଚନାକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଏଥିରେ ପ୍ରମୁଖ କୃଷି ଉତ୍ପାଦଗୁଡ଼ିକୁ ଚୁକ୍ତିନାମାରୁ ବାଦ୍ ଦିଆଯାଇଛି । ଏହି ଚୁକ୍ତିନାମା କୃଷି ଏବଂ କୃଷକଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି ବୋଲି ଶ୍ରୀ ଚୌହାନ୍ କହିଛନ୍ତି । ଭୋପାଳରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, ଭାରତୀୟ କୃଷକଙ୍କପାଇଁ କ୍ଷତିକାରକ କୌଣସି ଉତ୍ପାଦ ଅନ୍ତର୍ଭୁକ୍ତ ହୋଇ ନାହିଁ । ଭାରତ ଜେନେଟିକାଲ୍

ପରିବର୍ତ୍ତିତ ଉତ୍ପାଦଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ । ମାଂସ, କ୍ଷୀର, ଶସ୍ୟ, ତୈଳବୀଜ, ଫଳ, ପନିପରିବ, ମସଲା ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସମେତ ବିଭିନ୍ନ ପ୍ରକାରର କୃଷି ସାମଗ୍ରୀ ଉପରେ ଶୁଳ୍କରେ କୌଣସି ରିହାତି ଦିଆଯାଇ ନାହିଁ । ମୋଦି ସରକାରଙ୍କ ଅଧୀନରେ ଭାରତ ବିଶ୍ୱର ବୃହତ୍ ତୃତୀୟ ଅର୍ଥନୀତି ହେବା ଦିଗରେ ଅଗ୍ରସର ହେଉଛି ବୋଲି କୃଷିମନ୍ତ୍ରୀ କହିଛନ୍ତି ।

## ୟୁ.ଆଇ.ଡି.ଏ.ଆଇ.

ଭାରତୀୟ ଏକକ ପରିଚୟ ପ୍ରାଧିକରଣ - ୟୁ.ଆଇ.ଡି.ଏ.ଆଇ. ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କପାଇଁ ୧ କୋଟିରୁ ଅଧିକ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପ୍‌ଡେଟ୍ - ଏମ୍.ବି.ୟୁ. ସମ୍ପନ୍ନ କରିଛି । ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରଣାଳୟ କହିଛି, ୟୁ.ଆଇ.ଡି.ଏ.ଆଇ. ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ରାଜ୍ୟର ଶିକ୍ଷା ବିଭାଗଗୁଡ଼ିକ ମାତ୍ର ୫ ମାସରେ ୮୩ ହଜାର ସ୍କୁଲ୍‌ରେ ଏମ୍.ବି.ୟୁ. ଶିବିର ଆୟୋଜନ କରିବାପାଇଁ ମିଶନ ମୋଡ୍‌ରେ କାର୍ଯ୍ୟ କରିଛନ୍ତି । ପିଲାମାନଙ୍କୁ ଏମ୍.ବି.ୟୁ. ସମାପ୍ତ କରିବାକୁ ପ୍ରୋତ୍ସାହିତ କରିବା ଏବଂ ସେବାକୁ ସମସ୍ତଙ୍କପାଇଁ ସୁଲଭ କରିବାପାଇଁ ୨୦୨୫ ମସିହା ଅକ୍ଟୋବର ପହିଲାରୁ ଚଳିତ ବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୭ରୁ ୧୫ ବର୍ଷ ବୟସ ବର୍ଗରେ ୟୁ.ଆଇ.ଡି.ଏ.ଆଇ. ଦେୟ ଛାଡ଼ କରିଥିଲେ ।

# ଇନ୍‌କମ୍ ଟ୍ୟାକ୍ସ

ସରକାର ଚିଠା ଆୟକର ନିୟମ ଏବଂ ଫର୍ମ-୨୦୨୬ ଉପରେ ଜନସାଧାରଣ ଓ ଅଂଶୀଦାରମାନଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି । ଆୟକର ବିଭାଗର ସରକାରୀ ପୋର୍ଟାଲ୍‌ରେ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ମତାମତ ପଠାଯାଇପାରିବ । ଆୟକର ବିଭାଗ କହିଛି, ଏହି ପଦକ୍ଷେପ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ଅଂଶଗ୍ରହଣକାରୀ ଓ ପ୍ରଭାବଶାଳୀ ନିୟମ ପ୍ରଣୟନ ପ୍ରକ୍ରିୟା ସୁନିଶ୍ଚିତ କରିବାପାଇଁ ଲକ୍ଷ୍ୟ ରଖିଛି ।

# ସୁଟିଂ ଚାମ୍ପିୟନସିପ୍

ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାରତର ଅର୍ଜୁନ ବାବୁତା ଏବଂ ଏଲାଭେନିଲ୍ ଭାଲାରିଭାନ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସୀୟ ରାଇଫଲ୍/ପିସ୍ତଲ ଚାମ୍ପିୟନସିପ୍-୨୦୨୬ରେ ୧୦ ମିଟର ଏୟାର ରାଇଫଲ୍ ମିଶ୍ରିତ ଦଳଗତ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଏଥିସହ ଏକ ବିଶ୍ୱରେକର୍ଡ଼ ଏବଂ ଏକ ଚାମ୍ପିୟନସିପ୍ ରେକର୍ଡ଼ ସ୍ଥାପନ ହୋଇଛି । ଭାରତୀୟ ଯୋଡ଼ି ଫାଇନାଲ୍‌ରେ ୫୦୫ ପଏଣ୍ଟ ସ୍କୋର୍ କରି ବିଜୟୀ ହେବା ସହ ସେମାନଙ୍କର ପୂର୍ବ ଏସୀୟ ଟାଇଟଲ୍ ବଜାୟ ରଖିଛନ୍ତି ।

# କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା-୨୦୨୬ରେ ଆଜି ତିନୋଟି ମ୍ୟାଚ୍ ଅନୁଷ୍ଠିତ ହେଉଛି।

ଶ୍ରୀଲଙ୍କା ଓ ଆୟରଲାଣ୍ଡ ମଧ୍ୟରେ କଲମ୍ବୋର ଆର୍.ପ୍ରେମାଦାସା ଷ୍ଟାଡିୟମ୍‌ରେ ଖେଳ ଜାରି ରହିଛି । ଟସ୍ ଜିତି ଆୟରଲାଣ୍ଡ ପ୍ରଥମେ ବୋଲିଂ କରୁଛି ।

ଚେନ୍ନାଇର ଏମ୍.ଏ.ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ' ଆଫଗାନିସ୍ତାନ ବିପକ୍ଷରେ ୫ ୱିକେଟ୍‌ରେ ବିଜୟ ଲାଭ କରିଛି । ୧୮୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୧୭ ଓଭର ଗୋଟିଏ ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଅନ୍ୟପକ୍ଷରେ ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ' ନେପାଳ ବିପକ୍ଷରେ ୪ ରନ୍‌ରେ ବିଜୟୀ ହୋଇଛି । ୧୮୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୦ ରନ୍ କରିବାକୁ ସମର୍ଥ ହୋଇଥିଲା ।

*****